

## ୭ମ ବର୍ଷ ● ୩ୟ ସଂଖ୍ୟା ● ନଭେମ୍ବର ୨୦୧୭

**ଆମ ମତ:** ‘ଶିଶୁଦିବସ’ ପାଳନ ଦ୍ୱାରା ଶିଶୁମାନଙ୍କୁ ଅଧିକ ଗୁରୁତ୍ୱ ଦିଆଯାଉଛି କି ?

**ନୋବେଲ ପୁରସ୍କାର କଥା :** ୨୦୧୭ର ନୋବେଲ ପୁରସ୍କାର

**ଶିଶୁ ନାଟକ:** ସତ୍ୟ ସନ୍ଧାନୀ କୈଳାସ

**କେମେଷ୍ଟ୍ରି କାହାଣୀ:** ତରଳୁଥିବା ବରଫର ମେଜିକ୍ ?

**ଗପ:** ସ୍କୁଲ ଗଲା ଟୁପ୍‌ଲି, ଜୀବନ ରକ୍ଷାର କୌଶଳ, ଧର୍ମ କ’ଣ ନାହିଁ, ...

**କବିତା:** ମୋ ଓଡ଼ିଶା, ପିମ୍ପୁଡ଼ି, ...

ଏଥିସହିତ **କୁନିକୁନାଙ୍କ ପାଠଶାଳା, ହସକଥା, ଖବର ଓ ଆହୁରି ଅନେକ ବିଭାଗ।**

### ଆମ ମତ :

ନଭେମ୍ବର ୧୪ ତାରିଖରେ ସାରା ଦେଶରେ ପାଳନ କରାଯାଏ ଶିଶୁଦିବସ। ହେଲେ ଶିଶୁ ଦିବସ ପାଳନ କରାଯାଇ ଶିଶୁମାନଙ୍କୁ ଅଧିକ ଗୁରୁତ୍ୱ ଦିଆଯାଉଛି କି ? ଏ ବିଷୟରେ ପିଲାମାନେ ନିଜନିଜର ମତ ପ୍ରଦାନ କରିଛନ୍ତି।

### ନୋବେଲ ପୁରସ୍କାର କଥା

**ପରିକଳ୍ପନା: ଇତି ସମାନ୍ତ, ଲେଖକ : ଶରତ କୁମାର ନାୟକ**

ଇତି ମଧ୍ୟରେ ୨୦୧୭ ବର୍ଷ ପାଇଁ ନୋବେଲ ପୁରସ୍କାର ଘୋଷଣା କରାଯାଇ ସାରିଛି। ଏ ସଂପର୍କରେ ଉକ୍ତ ଲେଖା ମାଧ୍ୟମରେ ପିଲାମାନଙ୍କୁ ଦିଆଯାଇଛି ସବିଶେଷ ଧାରଣା।

### ଗପ: ସ୍କୁଲ ଗଲା ଟୁପ୍‌ଲି

**ଲେଖକ: ଦାଶ ବେନହୁର**

ସୁରମାଦିଦିଙ୍କୁ ଟୁପ୍‌ଲି ମନେମନେ ଭୟକରେ। କିନ୍ତୁ ଅବସ୍ଥା ଚକ୍ରରେ ଟୁପ୍‌ଲି ବୁଝିଛି, ଯେ ସୁରମାଦିଦି ମଧ୍ୟ ନିଜ ମା’ଠାରୁ କମ୍ ନୁହଁନ୍ତି। ଏହାହିଁ ଗପର ଅସଲ କଥା।

### ଗପ: ଜୀବନରକ୍ଷାର କୌଶଳ

**ଲେଖକ: ଶଶଧର ମହନୀ**

ଯେତେ ଜ୍ଞାନ ଅର୍ଜନ କଲେ କ’ଣ ହେବ, ଯଦି ନିଜ ଜୀବନ ରକ୍ଷା କରିବା ପାଇଁ ମଣିଷ ସକ୍ଷମ ନୁହେଁ। ତେବେ ନିଜକୁ ଜ୍ଞାନୀ କହିବାର କିଛି ଅର୍ଥ ହିଁ ନାହିଁ। ଏହାହିଁ ଗପଟିର ବିଷୟବସ୍ତୁ।

### ଗପ: ଧର୍ମ କ’ଣ ନାହିଁ

**ଲେଖିକା : ରଶ୍ମୀମୟୀ ପତି**

ଅଜଗର ସାପ ପ୍ରତିଜ୍ଞା କରିଥିଲା, ବଢ଼େଇ ପୁଅକୁ ଖାଇବ ନାହିଁ। କିନ୍ତୁ ନିଜ ପ୍ରତିଜ୍ଞା ଭାଙ୍ଗି ଦେଇଥିଲା। ମାତ୍ର ଧର୍ମକୁ ସମ୍ମାନ ଦେଇ ସେ ତା’ ସିଦ୍ଧାନ୍ତରୁ ପୁଣି ଓହରି ଗଲା। ଏହି କଥାକୁ ଭିତ୍ତିକରି ଗପଟି ରଚିତ।

### ବିଜ୍ଞାନ ଗପ: ପୃଥିବୀ ବାହାରେ ବାସସ୍ଥାନ ସନ୍ଧାନ

**ଲେଖକ : କାର୍ତ୍ତିକ ସ୍ୱାଇଁ**

ପୃଥିବୀ ବାହାରେ, ମଙ୍ଗଳ ଗ୍ରହରେ ମଧ୍ୟ ମଣିଷ ବାସକରିବା ସମ୍ଭବ ହୋଇ ପାରିବ। ଏହି ବାର୍ତ୍ତାକୁ ନେଇ ଗପଟି ଲେଖାଯାଇଛି।

### ଶିଶୁ ନାଟକ: ସତ୍ୟ ସନ୍ଧାନୀ କୈଳାସ

**ଲେଖକ : ମହାପାତ୍ର ଆନନ୍ଦଶଙ୍କର ମିଶ୍ର**

ଶାନ୍ତି ପାଇଁ ପୂର୍ବରୁ ନୋବେଲ ପ୍ରାପ୍ତ କୈଳାସ ସତ୍ୟାର୍ଥୀଙ୍କ ଜୀବନକୁ ନେଇ ନୂଆ ଢଙ୍ଗରେ ଏହି ନାଟକଟି ରଚିତ।

### କବିତା : ଶିମିଳିପାଳ

**ଲେଖକ : ଭଜନନ୍ଦ ହେମ୍ବ୍ରମ**

ପର୍ଯ୍ୟଟନ ସ୍ଥଳୀ ଶିମିଳିପାଳକୁ କେନ୍ଦ୍ର କରି କବିତାଟି ରଚିତ।

**ଗପ : ଆମ ପରିବେଶ ଆମରି ହାତେ**

**ଆମକୁନି ଲେଖକ : ମନୀଷ୍ କୁମାର ସେନାପତି**

ପରିବେଶକୁ କିପରି ପରିଷ୍କାର ରଖାଯିବ, ସେ ବିଷୟକୁ ନେଇ ଏହି ଛୋଟ କାହାଣୀଟି ଗଢ଼ି ଉଠିଛି।

**ଗପ : କୁହୁକ ଦର୍ପଣ**

**ଆମକୁନି ଲେଖିକା : ସ୍ୱୟଂପ୍ରଭା ପାଣିଗ୍ରାହୀ**

ପ୍ରକୃତରେ ଦର୍ପଣଟିରେ କୌଣସି କୁହୁକ ନଥିଲା, ମାତ୍ର ଦର୍ପଣଟି କୁହୁକ ପରି କାମ କଲା। ସେହି ବିଷୟରେ ଗପଟି ଲେଖିଛନ୍ତି ଆମ କୁନି ଲେଖିକା।

**ଗପ : ଗୋଲାପ ଫୁଲ**

**ଆମକୁନି ଲେଖିକା : ପ୍ରତୀକ୍ଷା ବୈରୀଗଞ୍ଜନ**

ହିଂସା କଲେ ଶେଷରେ କ'ଣ ଫଳ ମିଳେ, ତାହା ହିଁ ଗପଟିର ବିଷୟବସ୍ତୁ। ଏହାକୁ ଦର୍ଶାଇଛନ୍ତି ଆମ କୁନି ଲେଖିକା।

**କବିତା : ମୋ ଓଡ଼ିଶା**

**ଆମକୁନି ଲେଖିକା : ପ୍ରତୀକ୍ଷା ନନ୍ଦ**

ଓଡ଼ିଶାକୁ ନେଇ ରଚିତ ଏହି କବିତାଟି।

**କବିତା : ପିମ୍ପୁଡ଼ି**

**ଆମକୁନି ଲେଖିକା : ଓଁ ଶାଙ୍କରୀ ମିଶ୍ର**

ଛୋଟ ଜୀବଟିଏ ହେଉଛି ପିମ୍ପୁଡ଼ି। କିନ୍ତୁ ତା'ର କାମ ବି ପ୍ରଶଂସନୀୟ। ସେହି ଭାବ ହିଁ କବିତାଟିରେ ଫୁଟି ଉଠିଛି।

**ବଡ଼ ମଣିଷଙ୍କ କଥା - ଇଞ୍ଜିନ୍ ଡାକ୍ତର**

**ଆମକୁନି ଲେଖକ : ବିଶ୍ୱକ୍‌ସେନ୍ ଦାଶ**

ରେଳଇଞ୍ଜିନ୍ ଉଦ୍ଭାବନ କରିଥିବା ଷ୍ଟିଫେନ୍‌ସନ୍‌ଙ୍କ ବିଷୟରେ ଏହି ଲେଖାଟି ରଚନା ହୋଇଛି।

**ବୁଲାବୁଲି କଥା : ଜିମ୍ କରବେଟ୍ ନ୍ୟାସନାଲ୍ ପାର୍କ**

**ଆମକୁନି ଲେଖକ : ନିଲେଶ ମିଶ୍ର**

ବ୍ୟାଘ୍ର ସଂରକ୍ଷଣ କେନ୍ଦ୍ର ଭାବରେ ଜିମ୍ କରବେଟ୍ ନ୍ୟାସନାଲ୍ ପାର୍କ ପୃଥିବୀ ପ୍ରସିଦ୍ଧ। ଏ ବିଷୟରେ ଏକ ଭ୍ରମଣ କାହାଣୀ ଲେଖିଛନ୍ତି ଆମ କୁନି ଲେଖକ।

**ଅଭିଭାବକଙ୍କ ପାଇଁ ପଦେ: କୋମଳ ଅନୁଶାସନ; ଗଢ଼ିଦିଏ ସୁନ୍ଦର ଜୀବନ**

**ଲେଖିକା : ଅମ୍ରିତା ମହାନ୍ତି**

ପିଲାମାନଙ୍କୁ କିପରି ଉଚିତ ଅନୁଶାସନ ମଧ୍ୟରେ ରଖାଯାଇ, ସେମାନଙ୍କର ଜୀବନ ଗଠନ କରାଯାଇପାରିବ, ସେ ବିଷୟରେ ଏହି ଲେଖାଟି ରଚନା କରାଯାଇଛି।

**କେମେଷ୍ଟ୍ରି କାହାଣୀ : ତରଳୁଥିବା ବରଫର ମେଜିକ୍**

**ଲେଖକ : ନିତ୍ୟାନନ୍ଦ ପଣ୍ଡା**

ବରଫ ପାଣି ଓ ସାଧାରଣ ପାଣି, ଏହା ମଧ୍ୟରେ କେତେ ଯେ ତଫାତ୍ ରହିଛି, ସେ ବିଷୟକ ଏହି ଲେଖାଟି।

**ରାଜ୍ୟ ଖବର:**

ରୋଶନ ଓ ସିଦ୍ଧି ଓଡ଼ିଶା ପାଇଁ ଆଣିଲେ ସମ୍ମାନ, କିଟ୍‌ରେ ବିଶ୍ୱ ଅନ୍ତରୀକ୍ଷ ସପ୍ତାହ ପାଳିତ ଓ ନନ୍ଦନକାନନରେ ହେଟାବାଘ ଘର।

**ତୁମ ପାଇଁ ଖବର**

୨୦୨୪ରେ ମଙ୍ଗଳରେ ପହଞ୍ଚିବେ ଯାତ୍ରୀ, ଆଗାମୀ ନିର୍ବାଚନରେ ବ୍ୟବହାର ହେବ 'ଭିଭିପିଏଟି' ମେସିନ୍, ପେଟପୂରା ଜଳଖିଆ ଖାଅ; ପରୀକ୍ଷାରେ ଭଲ କର, ଶିଶୁଙ୍କ ମଧ୍ୟରେ ବୃଦ୍ଧି ପାଉଛି 'ମାଇଓପିଆ', ୨୦୫୦ରେ ତରଳିଯିବ କାର୍ ଓ ଛିଡ଼ା ହୋଇ କାମ କରିବା ଅଧିକ ଉପଯୋଗୀ।

## ଖେଳ ଖବର

କିଟ୍‌ରେ ଅନୁଷ୍ଠିତ ହେଲା ଜାତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା, ତିଆନ୍‌ଜିନ୍ ଓପନ ଜିତିଲେ ସାରାପୋଭା ଓ ଟି୨୦ରେ ସମାନ ସ୍ଥାନରେ ରହିଲେ ଭାରତ-ଅଷ୍ଟ୍ରେଲିଆ।

## ଚଳଚ୍ଚିତ୍ର ଖବର

ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଯୋଗୀ', ମନମୋହନ ସିଂହଙ୍କ ଜୀବନୀ ଉପରେ ଚଳଚ୍ଚିତ୍ର ଓ 'ପଦ୍ମାବତୀ'ଙ୍କ ପାଇଁ ୪୦୦ କିଲୋ ସୁନା ଅଳଙ୍କାର।

## ନିୟମିତ ବିଭାଗ ସ୍ଥାନିତ ହୋଇଛି ଯଥା :

**କେଦାର ପୃଷ୍ଟିଙ୍କ ପ୍ରସ୍ତୁତି 'କୁନିକୁନାଙ୍କ ପାଠଶାଳା-୪୪', ଶରତ କୁମାର ନାୟକଙ୍କ ରଚିତ 'କବିତା-ଧନ୍ଦା' ଓ ଅନ୍ୟାନ୍ୟ ଅନେକ ବିଭାଗ, ଯଥା: ଚିହ୍ନିଲ କିଏ ? କିଏ ଅଲଗା ?, ବାଟ ବତାଅ, ଜାଣିଛ କି ?, ପାର୍ଥକ୍ୟ ଖୋଜ, ଶବ୍ଦ-ଧନ୍ଦା, ତୁମ ତୂଳୀରୁ ଓ ରଙ୍ଗଦିଅ ଇତ୍ୟାଦି।**

■■■